# Akashvani, Sambalpur

## SAMBALPURI NEWS EVENING BULLETIN

## 21 May 2026-7.02- 7.12 pm.

---

୧- ସମାଜ୍‌ର ସେବା ହିଁ ପ୍ରକୃତ ମାନବିକତାର୍ ପବିତ୍ର ପରିପ୍ରକାଶ୍

- କହେଲେ ରାଜ୍ୟପାଲ୍

- ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଉ ଗାଇଡ୍ ରାଜ୍ୟ ପୁରସ୍କାର୍ ପ୍ରଦାନ୍ ସମାରୋହଥି ଦେଲେ ଯୋଗ୍ ।

୨- ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକେ ନେଇକରି ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ ଅଧ୍ୟକ୍ଷତାଥି ହେଇଛେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ।

୩- ସମ୍ବଲ୍‌ପୁର୍, ଢେଙ୍କାନାଲ୍ ଆଉ ଗଞ୍ଜାମ୍ ଜିଲ୍ଲାର୍ ଜାତୀୟ ରାଜପଥମାନ୍‌କେ ତିଆର୍ ହେବା ମହୁମାଛି କରିଡ଼ର୍ ।

ଆଉର୍

୪- ରାଏଜେ ଜାରି ରହିଛେ ଖରାର୍ ପ୍ରକୋପ ।

- ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ହେଉଛେ ଅପ୍ରବଲ୍ ଗରମ୍ ।

ସ୍କାଉଟ୍ ଆଉ ଗାଇଡ୍ ରାଜ୍ୟ ପୁରସ୍କାର ଆଇ.ଆଣ୍ଡ୍.ପି.ଆର୍

ସମାଜ୍‌ର ସେବା ହିଁ ପ୍ରକୃତ ମାନବିକତାର୍ ପବିତ୍ର ପରିପ୍ରକାଶ୍ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ଭବନ୍ ନ ଆଏଜ୍ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଉ ଗାଇଡ୍ ରାଜ୍ୟ ପୁରସ୍କାର୍ ପ୍ରଦାନ୍ ସମାରୋହଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଇଟା କହିଛନ୍ । ଭାରତ୍ ସ୍କାଉଟ୍ ଆଉ ଗାଇଡ୍ ଅଭିଯାନ୍‌କେ ପ୍ରଶଂସା କରିକରି ରାଜ୍ୟପାଲ୍ କହିଛନ୍, ଇଟା ଯୁବପିଢ଼ିଙ୍କର୍ ଭିତ୍‌ରେ ନେତୃତ୍ୱ, ଜୀବନ୍ କୌଶଲ୍, ପରିବେଶଗତ ସଚେତନତା ଆଉ ବିପର୍ଯ୍ୟୟ ପରିଚାଲନା କ୍ଷମତାକେ ବଢ଼ାବାର୍ ଦିଗେ ଉଲ୍ଲେଖନୀୟ ଭୂମିକା ନେଇଆସୁଛେ । ଇ ସମାରୋହଥି ରାଜ୍ୟ ପୁରସ୍କାର୍ ପାଇଥିବା ବ୍ୟକ୍ତିବିଶେଷ୍ ମାନ୍‌କୁ ଅଭିନନ୍ଦନ୍ ଜନାବାର୍ ସହେତେ ରାଜ୍ୟପାଲ୍ ପ୍ରଶଂସା କରିଛନ୍ । ଇ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତ୍ ସ୍କାଉଟ୍ ଆଉ ଗାଇଡ୍‌ର ଓଡ଼ିଶା

ରାଜ୍ୟ ମୁଖ୍ୟ ଆୟୁକ୍ତ କାଳୀପ୍ରସାଦ୍ ମିଶ୍ର ଉପସ୍ଥିତ୍ ଥିଲେ । ଇଥି ଭାରତ୍ ସ୍କାଉଟ୍ ଆଉ ଗାଇଡ୍‌ର ଭିନ୍ ଭିନ୍ ବର୍ଗଥି ଭଲ୍ ପ୍ରଦର୍ଶନ୍ କରିଥିବା ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରାଯାଇଛେ ।

ୟୁପିଏସ୍‌ସି ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ସିଭିଲ୍ ସର୍ଭିସ୍ ପ୍ରିଲିମ୍ ପରୀକ୍ଷା -୨୦୨୬ ଲାଗି ପରୀକ୍ଷା କେନ୍ଦ୍ର ମାନ୍‌କେ ଭିଡ୍ କମ୍ କର୍‌ବାର୍‌କେ କେନ୍ଦ୍ରୀୟ ଲୋକସେବା ଆୟୋଗ୍ ୟୁପିଏସସି ଭୁବ୍‌ନେଶ୍ୱର୍, କାନ୍‌ପୁର୍ ଆଉ ମିରଟ୍ ଠାନେ ୩ ଟା ନୂଆଁ ପରୀକ୍ଷା କେନ୍ଦ୍ର ଥାପ୍‌ନା କରିଛେ । ୟୁପିଏସ୍‌ସିର୍ ସୂଚ୍‌ନା ଅନ୍‌ସାରେ ପାଖାପାଖି ୨୩ ହଜାର୍ ପରୀକ୍ଷାର୍ଥୀ ଇ ନୂଆଁ କେନ୍ଦ୍ରମାନ୍‌କର୍ ଲାଗି ଆବେଦନ୍ କରିଛନ୍ । ସର୍ବଭାରତୀୟ ସ୍ତର୍‌ଥି ପରୀକ୍ଷାକେନ୍ଦ୍ର ସଂଖ୍ୟା ୮୦ ନୁ ୮୩ କେ ବଢ଼ିଛେ । ୟୁପିଏସ୍‌ସି ଅଧ୍ୟକ୍ଷ ଡକ୍ଟର୍ ଅଜୟ

କୁମାର୍ କହିଛନ୍, ପରୀକ୍ଷା ପ୍ରକ୍ରିୟାକେ ଅଏତ୍କା ପରୀକ୍ଷାର୍ଥୀ ଅନୁକୂଳ, ସୁଗମ ଆଉ ଦକ୍ଷ କର୍ବାର୍ଟା ହିଁ ଆୟୋଗଙ୍କର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ ।

ରଥଯାତ୍ରା- ଉଚ୍ଚସ୍ତରୀୟ ବୈଠକ୍ କଟକ୍ ସମ୍ବାଦଦାତା

ଜୁଲାଇ ୧୬ ତାରିଖ୍ ହେବାର୍କେ ଥିବା ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା -୨୦୨୬କେ ସୁରକ୍ଷିତ୍ ଆଉ ସୁବ୍ୟବସ୍ଥିତ୍ ଭାବେ କର୍ବାର୍ ଲାଗି କଟକ୍ ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଦେବସ୍ନାନ ପୂନି ଦିନୁ ନୀଳାଦ୍ରୀ ବିଜେତକ୍ ସବୁ ନୀତିକାନ୍ତି ଲାଗି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯିବା । ରଥଯାତ୍ରାଥି ଭକ୍ତମାନ୍କର୍ ସୁରକ୍ଷା ଆଉ ଭିଡ଼୍ ନିୟନ୍ତ୍ରଣ୍ ଲାଗି ନୂଆଁ ପଦକ୍ଷେପ୍ ଗ୍ରହଣ୍ କରାଯିବାର୍କେ ଯୋଜ୍ନା କରାଯାଇଛେ । ଇଥିର୍ଲାଗି ସାରା ସହର୍ ନ ୮ ଟା ଅତିରିକ୍ତ ପାର୍କିଂ ସ୍ଥଳୀ

ଚିହ୍ନଟ୍ କରାଯାଇଛେ । ଇତାର୍‌ଛଡ଼ା ସହରର୍ ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ଜାଗା ମାନ୍‌କେ ଅତିରିକ୍ତ ସିସିଟିଭି କେମ୍‌ରା ଭିଲ୍ ଲଗାଯାଇଛେ । ପୁରୀ ସହର୍ ନ ଅପରାଧ୍ ନିୟନ୍ତ୍ରଣ୍ ଲାଗି ସବୁ ଥାନା ଇଲାକା ନ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରାଯିବା, ହୋଟେଲ୍ ଆଉ ଲଜ୍ ମାନ୍‌କେ ନିୟମିତ୍ ଭାବେ ଯାଂଚ୍ କର୍‌ବାର୍‌କେ ଶ୍ରୀ ଖୁରାନିଆ ପୁରୀ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ମନ୍ଦିର୍ ପାଶେ ରକ୍ଷକ ଯାନ ମୁତୟନ୍, କେ-ନାଇନ୍ ସ୍କ୍ୱାଡ୍ ନିୟୋଜନ୍, ଏନ୍.ଏସ୍.ଜି. ତାଲିମ୍‌ପ୍ରାପ୍ତ ଏସ୍‌ଓଜି ଟିମ୍ ମୁତୟନ୍ ବାଗିର୍ ଖାସ୍ ସୁରକ୍ଷା ବ୍ୟବସ୍ଥା ଗ୍ରହଣ୍ କରାଯିବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ବସ୍‌ଷ୍ଟାଣ୍ଡ୍ ଶିଲାନ୍ୟାସ୍ -ଝାର୍‌ସୁଗୁଡ଼ା      ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ବ୍ରଜ୍‌ରାଜ୍‌ନଗର୍ ସହରର୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ବ୍ରଜରାଜ୍‌ନଗର୍ ଠାନେ ଗୁଟେ ଅତ୍ୟାଧୁନିକ୍

ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ୍ କରିଛନ୍ । ପାଖାପାଖି ୪୦ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ବ୍ରଜରାଜ୍‌ନଗର୍ କଲେଜ୍ ପାଶେ ଇ ବସ୍‌ଷ୍ଟାଣ୍ଡ ତିଆର୍ ହେବା । ଲୋକ୍‌ମାନ୍‌କର୍ ଯୋଗାଯୋଗ୍ ଆଉ ଯା'ଆସ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ସବୁ ପାଣ୍ଠି ଯୁଗେଇ ଦେବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ଇତାର୍‌ସହେତେ ୨୩ କୋଟି ଟଙ୍କା ଖର୍ଚ୍ଚାଥି ବ୍ରଜରାଜ୍‌ନଗର୍ ନିର୍ବାଚନ୍ ମଣ୍ଡଲୀର୍ ସହର୍ ଆଉ ଗ୍ରାମାଂଚଲ୍ ନ ତିଆର ହେଇଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଭିଲ୍ ମନ୍ତ୍ରୀ ଉଦ୍‌ଘାଟନ୍ କରିଛନ୍ ।

ଆପ୍ ଶୁଭାରମ୍ଭ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ନାଗରିକ୍‌ମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି କମିଶନରେଟ୍ ପୁଲିସ୍ ତର୍‌ଫୁ 'ୱି କେୟାର୍ ସାଥୀ' ଆପ୍‌ର ଶୁଭାରମ୍ଭ କରାଯାଇଛେ । ଜରୁରୀକାଳୀନ୍ ସମିଆଥି ଆପ୍‌ଥି ଥିବା ଗୁଟେ ବଟନ୍ ଦବାଲେ ସାଙ୍ଗେସାଙ୍ଗ ସାହାଜ୍

ମିଳିପାରିବା ବଲି କମିଶନରେଟ୍ ପୁଲିସ୍ ତରଫୁ କୁହାଯାଇଛେ । ଆଘୋନୁ ଥିବା ମୋ ସାଥୀ ଆପ୍‌କେ ଅପ୍‌ଗ୍ରେଟ୍ କରାଯାଇକରି ନୂଆଁ ଆପ୍ ବିକଶିତ୍ କରାଯାଇଛେ ।

ପଂଚାୟତିରାଜ୍ ମନ୍ତ୍ରୀ ହି.ସ.

ରାଜ୍ୟର୍ ସବୁ ଗାଁକେ ୨୦୨୭ ମାର୍ଚ୍ଚ ମାସ୍‌ତକ୍ ପାଇପ୍‌ଥି ପିଇବାର୍ ପାଏନ୍ ପୁହୁଁଚାବାର୍ ଲାଗି ସର୍‌କାର୍ ପ୍ରତିବଦ୍ଧ ଆନ୍ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଏବ୍‌ତକ୍ ୨ ଶହ ୭ ଟା ମେଗା ପାଇପ୍ ଜଳ ପ୍ରକଳ୍ପ ଭିତ୍‌ରୁ ୩ ଟା ପୁରା ହେଇକରି ୨ ହଜାର୍ ୪ ଶହ ୨ ଟା ଗାଁକେ ପାଏନ୍ ଯୁଗେଇ ଦିଆଯାଉଛେ ବଲି ମନ୍ତ୍ରୀ କହିଛନ୍ । ଆଉ ୧୪ ଟା ପ୍ରକଳ୍ପ ମେ ମାସ୍‌ତକ୍ ଶେଷ୍ ହେବା । ଯେନ୍‌ଟା ଶହେ ୩୧ ଟା ଗାଁକେ ପାଏନ୍ ଯୁଗାବା । ୩୫ ଟା ପ୍ରକଳ୍ପର୍ ଅଧା କାମ୍ ସରିକରି ୩ ହଜାର୍ ୨ ଶହ ୧୦ ଟା ଗାଁକେ

ପାନିର୍ ସୁବିଧା ମିଳିପାରୁଛେ ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ଇହାଦେତକ୍ ୧୮ ଶହ ୫୨ ଏକକ ଗ୍ରାମ୍ୟ ଯୋଜ୍‌ନା, ୬ ହଜାର୍ ୩ ଶହ ୬୯ ସୋଲାର୍ ପ୍ରକଳ୍ପ କାମ୍ ଶେଷ୍ ହେଇଛେ ବଲି ମନ୍ତ୍ରୀ ସୂଚନା ଦେଇଛନ୍ ।

ମହୁମାଛି କରିଡ଼ର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଯୁକ୍ତିବିଦ୍ୟା ଆଉ ପରିବେଶ୍ ସଂରକ୍ଷଣ୍ ଦିଗେ ଗୁଟେ ବଡ଼ ପଦକ୍ଷେପ୍ ହିସାବେ ଭାରତ୍‌ର ଜାତୀୟ ରାଜ୍‌ପଥ୍ ପ୍ରାଧିକରଣ୍ - ଏନ୍‌ଏଚ୍‌ଏଆଇ ତର୍‌ଫୁ ସମ୍ବଲ୍‌ପୁର୍, ଢେଙ୍କାନାଲ୍ ଆଉ ଗଞ୍ଜାମ୍ ଜିଲ୍ଲା ଭିତ୍‌ରେ ରାଜ୍ୟର୍ ପହେଲା ମହୁମାଛି କରିଡ଼ର୍ ବିକଶିତ୍ କରାଯାଉଛେ ବଲି ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ପରାଗ ସଂରକ୍ଷଣ୍, ଜୈବ ବିବିଧତା ବଢ଼ାବାର୍, ଚାଷ୍‌ର ଉତ୍ପାଦନ୍‌ଶୀଳତାକେ ମଜ୍‌ବୁତ୍ କର୍‌ବାର୍ ଆଉ ସବୁଜ କରିଡର୍ ଗଢ଼୍‌ବାର୍ ଲାଗି ଜାତୀୟ ରାଜ୍‌ପଥ୍

୫୩, ୫୫, ଆଉ ୧୬ ନ ପାଖାପାଖି ୨୦ ହଜାର୍ ଦେଶୀ ଫୁଲ୍‌ଗଛ୍ ଲଗାବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ ।

ଏ.ରମ୍ମୟାଙ୍କର୍ ପାର୍ଥିକ୍ ଶରୀର ଆଇ.ଆଣ୍ଡ.ପି.ଆର

ଋଷିଆର୍ ମସ୍କୋ ନ ଡ୍ରୋନ୍ ଆକ୍ରମଣ୍‌ଥି ଜୀବନ୍ ହରେଇଥିବା ଓଡ଼ିଆ ଯୁବକ ଏ.ରମ୍ମୟାଙ୍କର୍ ପାର୍ଥିବ ଶରୀର୍‌କେ ଆଏଜ୍ ଓଡ଼ିଶା ଅନାଯାଇଛେ । ଭାରତ୍ ସର୍‌କାର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ସହଯୋଗ୍‌ଥି ଏ.ରମ୍ମୟାଙ୍କର୍ ପାର୍ଥିବ୍ ଶରୀର୍ ଆଏଜ୍ ବିଜୁ ପଟ୍ଟନାୟକ୍ ବିମାନ୍ ବନ୍ଦରନ୍ ନ ପୁହୁଁଚିବାର୍ ଉତ୍‌ରୁ ତାଙ୍କର୍ ଜନମ୍ ଜାଗା ଗଞ୍ଜାମ୍ ଜିଲ୍ଲା ମାଧବନ୍ଧକେ ନିଆଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପଶ୍ଚିମ ଏସିଆ ନ ଚାଲିଥିବା ଯୁଦ୍ଧ ପରିସ୍ଥିତିଥି ଗଲା ୧୭ ତାରିଖ୍ ଦିନ ଡ୍ରୋନ୍ ଆକ୍ରମଣ୍‌ଥି ଏ. ରମ୍ମୟାଙ୍କର୍ ଜୀବନ୍ ଯାଇଥିଲା ।

ଡିଜିଏଚ୍‌ଏସ୍ ଇବୋଲା ଭାଇରସ୍ ଆର୍‌ଏନ୍‌ୟୁ/ କଟକ୍

ଇବୋଲା ପ୍ରଭାବିତ୍ ଦେଶ୍ମାନ୍କୁ ଯା'ଆସ୍ କରୁଥିବା ଯାତ୍ରୀମାନ୍କର୍ ଲାଗି ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପରାମର୍ଶବଳୀ ଜାରି କରିଛେ । କାଙ୍ଗୋ, ଉଗାଣ୍ଡା ଆଉ ଦକ୍ଷିଣ ସୁଦାନ ବାଗିର୍ ଅଏତ୍କା ପ୍ରଭାବିତ ଇଲାକାମାନ୍କର୍ନୁ ଯା'ଆସ୍ କରୁଥିବା ଯାତ୍ରୀମାନ୍କର୍ କ୍ଷେତ୍ରେ ତାହାକେ କଡ଼ାକଡ଼ି ପାଲନ୍ କର୍ବାର୍ ଲାଗି କୁହାଯାଇଛେ । ଜର୍, ମୁଡ଼ବଥା, ମାଂସପେଶୀ ଦରଦ୍, ରକ୍ତସ୍ରାବ କି ବାନ୍ତି ବାଗିର୍ ଲକ୍ଷଣ୍ ଦେଖାଦଉଥିବା ଯାତ୍ରୀମାନ୍କୁ ସାଙ୍ଗେସାଙ୍ଗ୍ ଡାକ୍ତରୀ ଚିକିତ୍ସା ଲାଗି ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତର୍ଫୁ ପରାମର୍ଶ ଦିଆଯାଇଛେ । ସନ୍ଦିଗ୍ଧ କି ଇବୋଲା ରୋଗାକ୍ରାନ୍ତ ବ୍ୟକ୍ତିଙ୍କର୍ ରକ୍ତ କି ଶରୀର୍ର ତରଳ ପଦାର୍ଥ ସହେତେ ସିଧାସଲଖ୍ ସଂସ୍ପର୍ଶେ ଆସିଥିବା ଯାତ୍ରୀମାନ୍କୁ ବିଦେଶ୍ ଯିବାର୍ ଅନୁମତି ମିଲ୍ବାର୍ ଆଘୋନୁ ବିମାନ୍ ବନ୍ଦର୍ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରିପୋର୍ଟ କର୍ବାର୍କେ କୁହାଯାଇଛେ । ଫିର୍ବାର୍ ୨୧ ଦିନ୍ ଭିତ୍ରେ ଇ ସବୁ ଲକ୍ଷଣ୍

ଦେଖାଦଉଥିବା ଯାତ୍ରୀମାନ୍‌କୁ ତୁରନ୍ତ୍ ଡାକ୍ତର୍‌ସେବା ଦେବାର୍‌କେ ଜୋର୍ ଦିଆଯାଇଛେ ।

ଆଂଟି ଟେରୋରିଜମ୍ ଡେ ଏନ୍‌ଏସ୍‌ଡି

ଆତଙ୍କବାଦୀ କାର୍ଯ୍ୟକଲାପ୍‌ର କୁପରିଣାମ୍ ଆଉ ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାବାର୍ ଉଦ୍ଦେଶ୍ୟଥି ଆଏଜ୍ ଦେଶେ ଆତଙ୍କବାଦ୍ ନିରୋଧୀ ଦିବସ୍ ପାଲନ୍ କରାଯାଉଛେ । ଯୁଆନ୍ ପିଢ଼ିଙ୍କୁ ଆତଙ୍କବାଦ୍ ଆଉ ହିଂସା ନୁ ଦୂରେଇ ରଖିବାର୍ ଇ ଦିବସ୍ ପାଲନ୍‌ର ମୁଳ୍ ଉଦ୍ଦେଶ୍ୟ ଆଏ । ସାମାଜିକ୍ ସଦ୍‌ଭାବନାକେ ତହେଁକାବାର୍ ଆଉ ହିଂସା ବିରୋଧିଥି ହେଇଥିବା ଲଢ଼େଇଥି ଜୀବନ୍ ଦେଇଥିବା ଲୁକ୍‌କର୍ ତ୍ୟାଗକେ ସୁର୍‌ତା କର୍‌ବାର୍ ଲାଗି ଫି' ବଛର୍ ମେ ମାସର୍ ୨୧ ତାରିଖ୍ ଜାତୀୟ ଆତଙ୍କବାଦ୍ ନିରୋଧୀ ଦିବସ ପାଲନ୍‌କ ରାଯାଏସି । ୧୯୯୧ ମସିହା ମେ ମାସ ୨୧ ତାରିଖ୍ ନ ପୂର୍ବତନ ପ୍ରଧାନ୍‌ମନ୍ତ୍ରୀ ରାଜୀବ୍ ଗାନ୍ଧୀ ଆତଙ୍କବାଦୀ କାର୍ଯ୍ୟକଲାପ୍‌ର ଶିକାର୍

ହେଇଥିଲେ । ଆଏଜ୍ ଦିବସ୍‌ଥି ଦେଶ୍‌ବାସୀ ତାଙ୍କୁ ସୁର୍‌ତା କରିକରି ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱର୍ଗତ ରାଜୀବ୍ ଗାନ୍ଧୀଙ୍କର୍ ପୁଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଇଂଟର୍‌ନେସନାଲ୍ ଟି ଡେ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାନବ୍ ସମାଜ୍‌ଥି ଚାହା'ର ସାଂସ୍କୃତିକ୍ ଐତିହ୍ୟ, ସ୍ୱାସ୍ଥ୍ୟ ଲାଗି ରହିଥିବା ସୁଫଲ୍ ଆଉ ଇ କ୍ଷେତ୍ରଥି ଆର୍ଥିକ୍ ପ୍ରୋତ୍ସାହନ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ଅନ୍ତର୍ଜାତୀୟ ଚାହା ଦିବସ୍ ପାଲନ୍ କରାଯାଉଛେ । ଜାତିସଂଘର୍ ଖାଦ୍ୟ ଆଉ କୃଷି ସଂଗଠନ୍ ତର୍‌ଫୁ ଇ ଦିବସ୍ ଫି' ବଛର୍ ମେ ମାସର୍ ୨୧ ତାରିଖ୍‌କେ ପାଲନ୍ କରାଯାଇଆସୁଛେ । ଚଲ୍‌ତି ବଛର୍ ଇ ଦିବସ୍‌ର ବାର୍ତା ହେଉଛେ ଚାହାର ନିରନ୍ତରତାକେ ବଜାୟ ରଖିବାର୍ ସହେତେ ସମାଜ୍‌କେ ସମର୍ଥନ୍ ।

ଓସ୍ୱାସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ସବୁ ସର୍କାରୀ କାର୍ଯ୍ୟାଳୟ ନ ଫାଇଲ୍ ଆଉ ଡାକ ପ୍ରକ୍ରିୟାକେ ଅଏତ୍କା ତୁର୍ତି, ସ୍ୱଚ୍ଛ ଆଉ ବ୍ୟବସ୍ଥିତ୍ କର୍ବାର୍ ଲାଗି ଓଡ଼ିଶା ରାଜ୍ୟ କାର୍ଯ୍ୟ ସ୍ୱୟଂଚାଳନ ପ୍ରଣାଳୀ ଓସ୍ୱାସ୍ର ସଫଳ କାର୍ଯ୍ୟାନ୍ୱୟନ୍କେ ନେଇକରି ଆଭାସୀ ଜରିଏ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୌଦ୍ଧ ଜିଲ୍ଲାର୍ ୭୯ ଟା ସର୍କାରୀ କାର୍ଯ୍ୟାଳୟ ନ ଓସ୍ୱାସ୍କେ ବ୍ୟବସ୍ଥିତ କରାଯାଇଛେ ।

ରଗ୍ବୀ ପ୍ରଶିକ୍ଷଣ୍ ଆର୍ଏନ୍ୟୁ/ ସମ୍ବଲପୁର

ଭାରତ୍ - ନ୍ୟୁଜିଲାଣ୍ଡ୍ ଖେଲ୍ ସମ୍ପର୍କର୍ ଶହେ ବଛର୍ ପୂର୍ତି ଅବ୍ସରେ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍ଠାନୁ ଦୁଇଦିନିଆ ବିଶେଷଜ୍ଞ ରଗ୍ବୀ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ

ବାବ୍‌ଦେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡଭିୟ କହିଛନ୍, ଭାରତ୍-ନ୍ୟୁଜିଲାଣ୍ଡ୍ ଖେଲ୍ ସହଯୋଗ୍‌ର ଶହେ ବଛର୍ ପୂର୍ତି ପାଲନ୍ ସମିଆଥି ଏନ୍ତା ସହଭାଗିତା ବଡ଼ ଭୂମିକା ନିଭଉଛେ । ଇତାକେ ସଫଲ୍ କର୍‌ବାର୍ ଲାଗି ଦୁହି ଦେଶର୍ ଚେରେଷ୍ଟାକେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ ପ୍ରଶଂସା କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ରଏବାର୍‌ତକ୍ ଗ୍ରୀଷ୍ମଲହରୀ ଜାରି ରହେବା । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଜବର୍ ଗରମ୍ ଆଉ ଗୁଲଗୁଲି ଲାଗି ସାଧାରଣ୍ ଜୀବନ୍‌ଯାତ୍ରା ଅସ୍ତବ୍ୟସ୍ତ ହେଇପଡ଼ିଛେ । ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସବୁ ଜିଲ୍ଲା ପ୍ରଶାସନ୍ ଆଉ ବିଭାଗ୍‌କେ ସତର୍କତାମୂଲକ୍ ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ । ଆଏବା ୨୫ ତାରିଖ୍‌ତକ୍ ରାଜ୍ୟର୍ କେତେଟା

ଜିଲ୍ଲାକେ ହିଟ୍‌ୱେଭ୍ ଲାଗି ପାଣିପାଗ୍ ବିଭାଗ୍ ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।